ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ 1990-91 ମସିହାର
# କାମଚଳା ବଜେଟ ନିମନ୍ତେ
# ଅର୍ଥ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟନାୟକ
# ଦେଇଥିବା ବିବୃତି

ମାର୍ଚ୍ଚ 21, 1990

ମହୋଦୟ,

ଲୋକସଭା ଓ ରାଜ୍ୟ ବିଧାନ ସଭା ନିର୍ବାଚନରେ ରାଜ୍ୟର ଜନସାଧାରଣ ଆମ ଦଳ ପ୍ରତି ଯେଉଁ ଅଭୂତପୂର୍ବ ଓ ବିପୁଳ ସମର୍ଥନ ଜଣାଇଛନ୍ତି ସେଥିରୁ ରାଜ୍ୟ ଜନସାଧାରଣଙ୍କର ଆମପ୍ରତି ଥିବା ଦୃଢ଼ ଆସ୍ଥା ଓ ବିଶ୍ୱାସ ପ୍ରତିଫଳିତ ହୋଇଛି । ସେଥିପାଇଁ ଆମେ ଏ ରାଜ୍ୟର ଜନସାଧାରଣଙ୍କୁ ଆମର ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ । ନିର୍ବାଚନର ପ୍ରାକ୍‌କାଳରେ ଆମେ ରାଜ୍ୟର ଉନ୍ନୟନ ପାଇଁ ଯେଉଁ ଅଠର ଦଫା ସମ୍ବଳିତ ଇସ୍ତାହାର ପ୍ରଦାନ କରିଥିଲୁ ଏବଂ ତାକୁ କାର୍ଯ୍ୟକାରୀ କରାଇବା ପାଇଁ ଆମର ସାମର୍ଥ୍ୟ ପ୍ରତି ଜନସାଧାରଣଙ୍କର ଯେଉଁ ଗଭୀର ବିଶ୍ୱାସ ସୃଷ୍ଟି ହୋଇଛି ଆମେ ନିଷ୍ଠାର ସହିତ ସେ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାପାଇଁ ପ୍ରତିଶ୍ରୁତିବଦ୍ଧ । ବିପୁଳ ପ୍ରାକୃତିକ ସମ୍ପଦଭରା ଓଡ଼ିଶା ଭାରତର ସବୁଠାରୁ ଦରିଦ୍ରତମ ପ୍ରଦେଶ ଭାବରେ ରହିଥିବା ଏକ ବିଡ଼ମ୍ବନା । ଏହାଠାରୁ ଅଧିକ ଦୁର୍ଭାଗ୍ୟ ଯେ ଗତ ଦଶନ୍ଧି ଭିତରେ ଓଡ଼ିଶାର ଦାରିଦ୍ର୍ୟକୁ ଲୁକ୍କାୟିତ କରି ରଖିବାପାଇଁ ଏ ପବିତ୍ର ଗୃହ ଭିତରେ ଓ ବାହାରେ ତ୍ରୁଟିପୂର୍ଣ୍ଣ ପରିସଂଖ୍ୟାନର ଆଶ୍ରୟ ନିଆଯାଇଛି । ଏହାଦ୍ୱାରା ରାଜ୍ୟର ଯେଉଁ ଅପୂରଣୀୟ କ୍ଷତି ସାଧିତ ହେଲା ସେଥିପାଇଁ କିଏ ଉତ୍ତରଦାୟୀ ସେକଥା ଏହି ପବିତ୍ର ଗୃହର ମାନ୍ୟବର ସଭ୍ୟମାନେ ବିଚାର କରିବେ ।

2. ଗତ ଦଶନ୍ଧିର ପ୍ରାକ୍ କାଳରେ ଥିବା ରାଜ୍ୟର ଅର୍ଥନୈତିକ ସ୍ଥିତି ଓ ସେହି ଦଶନ୍ଧି ପରେ ବର୍ତ୍ତମାନର ଅର୍ଥନୈତିକ ସ୍ଥିତି ବାବଦରେ ଏକ ସାମୂହିକ ତୁଳନାତ୍ମକ ଚିତ୍ର ସମ୍ବଳିତ ଶ୍ୱେତପତ୍ର ଏ ଗୃହର ମାନ୍ୟବର ସଭ୍ୟମାନଙ୍କର ଅବଗତି ନିମନ୍ତେ 1990-91 ମସିହାର ସାମୟିକ ଖର୍ଚ୍ଚଦାବୀ ବିନିଯୋଗ ବିଧେୟକ (Appropriation Bill on Vote-on-Account) ଆଗତ କରିବାର ଅବ୍ୟବହିତ ପୂର୍ବରୁ ମୁଁ ଏ ଗୃହରେ ଉପସ୍ଥାପନ କରିବି । ସମୟର ସ୍ୱଳ୍ପତା ଦୃଷ୍ଟିରୁ କେନ୍ଦ୍ର ପରିସଂଖ୍ୟାନ ସଂଗଠନ ଓ ରାଜ୍ୟର ବିଭିନ୍ନ ବିଭାଗ ଓ ଯୋଜନା କମିଶନ ସହ ପରାମର୍ଶ କରି ରାଜ୍ୟର ଏକ ବିସ୍ତୃତ ଅର୍ଥନୈତିକ ଚିତ୍ର ଦେବା ସମୟସାପେକ୍ଷ ହେବୁ ବୋଲି ବର୍ତ୍ତମାନ ରାଜ୍ୟର ଅର୍ଥନୈତିକ ଚିତ୍ରର ଏକ ମୋଟାମୋଟି ରୂପ ଦେବାକୁ ଚେଷ୍ଟା କରିଛି ଓ ପରବର୍ତ୍ତୀ ସମୟରେ ଏକ ବିସ୍ତୃତ ତଥ୍ୟ ସମ୍ବଳିତ ଅନ୍ୟ ଏକ ଶ୍ୱେତପତ୍ର ପ୍ରସ୍ତୁତ କରି ଆସନ୍ତା ବଜେଟ ଅଧିବେଶନରେ ଆପଣମାନଙ୍କୁ ଯୋଗାଇ ଦେବି । ବହୁ ମାନ୍ୟବର ସଭ୍ୟ ରାଜ୍ୟପାଳଙ୍କ ଭାଷଣ ଉପରେ ଆଗତ ହୋଇଥିବା ଧନ୍ୟବାଦ ପ୍ରସ୍ତାବର ସଂଶୋଧନ ପ୍ରସ୍ତାବ ଦେଲବେଳେ ଗତ

ସରକାରଙ୍କର ସାଫଲ୍ୟ ବିଷୟରେ ଉଲ୍ଲେଖ କରାଯାଇନାହିଁ ବୋଲି କହିଛନ୍ତି । ବିରୋଧୀ ଦଳର ମାନ୍ୟବର ସଭ୍ୟମାନଙ୍କର ଏହି ମତ ପ୍ରତି ସମ୍ମାନ ପ୍ରଦର୍ଶନ ସ୍ୱରୂପ ମୁଁ ମୋର ଭାଷଣର ସୀମିତ ପରିସର ଭିତରେ ଏ ବାବଦରେ ସିଂହାବଲୋକନ ନ୍ୟାୟରେ ଏକ ସଂକ୍ଷିପ୍ତ ସାମୂହିକ ସୂଚନା ଦେବାପାଇଁ ବାଧ୍ୟ ହେଉଛି ।

3. ରାଜ୍ୟ ଉନ୍ନୟନର ପରିମାପକ ହିସାବରେ ଯେଉଁ କେତୋଟି ଶ୍ରେଣ୍ୟାଂଶକୁ ବିଚାରକୁ ନିଆଯାଇଥାଏ ସେମାନଙ୍କ ମଧ୍ୟରୁ ମୁଣ୍ଡପିଛା ଆୟ ଏବଂ ଖର୍ଚ୍ଚ ବିମୁକ୍ତ ମୋଟ ରାଜ୍ୟ ଘରୋଇ ଉତ୍ପାଦନ ( Net State Domestic Product ) ବାବଦକୁ ପ୍ରାଥମିକାଂଶ (Primary Sector), ଅପେକ୍ଷା ଗୌଣ୍ୟାଂଶ (Secondary Sector) ଓ ଅନ୍ୟାନ୍ୟାଂଶ (Tertiary Sector) ରୁ ଅଧିକ ଅବଦାନ ହିଁ ଉନ୍ନୟନର ସୂଚକ । ଏହାକୁ ହିସାବକୁ ନେଲେ ସର୍ବଭାରତୀୟ ହାର ଏବଂ ବହୁ ଉନ୍ନତ ରାଜ୍ୟର ଆନୁପାତିକ ହାର ତୁଳନାରେ ଓଡ଼ିଶା ବହୁ ତଳେ ଅଛି । ରାଜ୍ୟର ମୋଟ ଘରୋଇ ଉତ୍ପାଦନ ବାବଦକୁ ଯେଉଁ ରାଜ୍ୟର ଗୌଣ୍ୟାଂଶ ଓ ଅନ୍ୟାନ୍ୟାଂଶର ଅବଦାନ ଯେତେ ବେଶୀ ସେ ରାଜ୍ୟ ସେତେ ଉନ୍ନତ ଏବଂ ମୁଣ୍ଡପିଛା ହାରାହାରି ଆୟ ଯେଉଁ ରାଜ୍ୟର ସବୁଠାରୁ ଅଧିକ ସେ ରାଜ୍ୟ ବି ସେତେ ଉନ୍ନତ । ଦୁର୍ଭାଗ୍ୟବଶତଃ ଧାରାବାହିକ ଭାବରେ ମାତ୍ର ବର୍ଷେ ଦୁଇବର୍ଷକୁ ଛାଡ଼ିଦେଲେ ସର୍ବଭାରତୀୟ ସ୍ତରର ମୁଣ୍ଡପିଛା ଆୟ ତୁଳନାରେ କ୍ରମାଗତଭାବରେ ଓଡ଼ିଶାର ମୁଣ୍ଡପିଛା ଆୟ କମି କମି ଯାଉଛି । ସମ୍ଭବତଃ କେତେକ ପରିସଂଖ୍ୟାନଗତ ତ୍ରୁଟି ହେତୁ ବିହାର ଭଳି କେତେକ ଅନୁନ୍ନତ ରାଜ୍ୟ ତୁଳନାରେ ଆମେ ତାଙ୍କ ଉପରେ ଥିବା ଦେଖାଯାଉଥିଲେ ମଧ୍ୟ ବସ୍ତୁତଃ ଆମ ରାଜ୍ୟର ମୁଣ୍ଡପିଛା ଆୟ ଭାରତରେ ସର୍ବନିମ୍ନ । ବିଖ୍ୟାତ ଅର୍ଥନୀତିଜ୍ଞ ରାଜକୃଷ୍ଣ ସପ୍ତମ ଅର୍ଥ କମିଶନର ସଭ୍ୟ ହିସାବରେ ଅନୁଦାନର ଯେଉଁ ନୂତନ ପଦ୍ଧତି ଅନୁସରଣ କରି ଓଡ଼ିଶା ଭଳି ଗରୀବ ରାଜ୍ୟମାନଙ୍କୁ ଅନୁଦାନ ଦେବାପାଇଁ ସୁପାରିଶ କରିଥିଲେ ତାକୁ ଗ୍ରହଣ କରାଯାଇ ପାରିଲା ନାହିଁ । ନବମ ଅର୍ଥ କମିଶନ ଯେଉଁ ମାନକାତ୍ମକ ମାର୍ଗ (Normative Approach) ଅନୁସରଣକରି ତାଙ୍କର ଅନୁଦାନ ସ୍ଥିର କଲେ ତାହା ଓଡ଼ିଶା ଭଳି ଏକ ଦରିଦ୍ର ରାଜ୍ୟର ବିପୁଳ କ୍ଷତିସାଧନ କଲା । କାରଣ ଗତାନୁଗତିକ ପଦ୍ଧତି ଅପେକ୍ଷା ଏହା ଦରିଦ୍ର ରାଜ୍ୟପାଇଁ ଅଧିକ କ୍ଷତିକାରକ ସେ କଥା କମିଶନ ବୁଝିବାପାଇଁ ନିଜର ପ୍ରଜ୍ଞା ପ୍ରଦର୍ଶନ କଲେ ନାହିଁ । ସେହିଭଳି ଭ୍ରମାତ୍ମକ ପରିସଂଖ୍ୟାନ ଭିତ୍ତିରେ ରାଜ୍ୟରେ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଜନସଂଖ୍ୟାର ଅନୁପାତ ଧାର୍ଯ୍ୟ କରିବାରୁ ଓଡ଼ିଶା କେନ୍ଦ୍ର ତଥା ଯୋଜନା କମିଶନରୁ ତା'ର ନ୍ୟାଯ୍ୟ ଅନୁଦାନ ପାଇବାରେ ବ୍ୟର୍ଥ ହେଲା ।

4. 1979-80 ମସିହା ସୁଦ୍ଧା ରାଜ୍ୟର ଋଣଭାର 87 କୋଟି ଟଙ୍କା ଥିଲାବେଳେ 1989-90 ମସିହା ସୁଦ୍ଧା ରାଜ୍ୟର ଋଣବୋଝ 3146 କୋଟିକୁ ପରିବର୍ଦ୍ଧିତ ହୋଇଛି । ଏହି ଋଣବୋଝ ଭିତରେ ଭବିଷ୍ୟନିଧି ଭଳି କେତେକ ଜମା ଯାହାର ରକ୍ଷକ ହିସାବରେ ରାଜ୍ୟ ସରକାର ବିଶ୍ୱାସାନୁବର୍ତ୍ତି ତା'ର ପରିମାଣକୁ 20 ଗୁଣ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରି ରାଜ୍ୟର ଏହି ଅର୍ଥନୈତିକ ଦୁର୍ଗତି ମୋଚନ ପାଇଁ ଅନ୍ୟକିଛି ପନ୍ଥା ନପାଇ ତାକୁ ବଜେଟ୍ ନିଅଣ୍ଟ ଭରଣା ପାଇଁ ବ୍ୟବହାର କରାଯାଉଛି । ରାଜ୍ୟରେ ପ୍ରତିବର୍ଷ ଋଣର ସୁଧ ହିସାବରେ 309 କୋଟି ଟଙ୍କା ଦେବାକୁ ପଡୁଛି । ମୁଣ୍ଡପିଛା ଯୋଜନାର ବ୍ୟୟ ଓଡ଼ିଶାରେ ଷଷ୍ଠ ଏବଂ ସପ୍ତମ ଯୋଜନାକାଳରେ ଯଥାକ୍ରମେ 40'11 ଟଙ୍କା ଓ 51'89 ଟଙ୍କା ଥିଲାବେଳେ ଅନ୍ୟାନ୍ୟ ରାଜ୍ୟ ସମୂହର ହାରାହାରି ବ୍ୟୟ ଯଥାକ୍ରମେ 46'10 ଟଙ୍କା ଓ 55'72 ଟଙ୍କା ହୋଇଛି । ଓଡ଼ିଶା ଭଳି ଅନ୍ୟ ଏକ ଅନୁନ୍ନତ ରାଜ୍ୟ ମଧ୍ୟପ୍ରଦେଶରେ ଏହା ଯଥାକ୍ରମେ 48'93 ଟଙ୍କା ଓ 66'45 ଟଙ୍କା ହୋଇଛି । ଏହି ସମୟରେ ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ପ୍ରଭୃତି ରାଜ୍ୟରେ ମୁଣ୍ଡପିଛା ଯୋଜନା ବ୍ୟୟ ଯଥାକ୍ରମେ 68'72 ଟଙ୍କା ଓ 83'18 ଟଙ୍କା, 74'64 ଟଙ୍କା ଓ 97'53 ଟଙ୍କା ଏବଂ 49'65 ଟଙ୍କା ଓ 60'95 ଟଙ୍କା ଅଟେ ।

5. ଓଡ଼ିଶାର ବେକାରମାନଙ୍କ ସଂଖ୍ୟା 1979 ମସିହା ଡିସେମ୍ବର ମାସ ସୁଦ୍ଧା 4,32,157 ଥିଲାବେଳେ 1989 ମସିହା ଡିସେମ୍ବର ମାସ ସୁଦ୍ଧା ସେ ସଂଖ୍ୟା ବଢ଼ି 8,48,761ରେ ପହଂଚିଛି । ରାଜ୍ୟର ଏହି ଦାରିଦ୍ର୍ୟ ଓ ଅନଗ୍ରସରତାକୁ ଦୂରକରି ସର୍ବଭାରତୀୟ ଦାରିଦ୍ର୍ୟର ସୀମାରେଖା ସ୍ତରକୁ ଆଣିସାରିଲା ପରେ ଯାଇ ଯୋଜନାର ପରିକଳ୍ପିତ ସର୍ବନିମ୍ନ ବୃଦ୍ଧିର ହାର ଓଡ଼ିଶା ପ୍ରତି ଲାଗୁ ହୋଇପାରିବ । ଏଥିପାଇଁ ଯୋଜନା କମିଶନ, ଅର୍ଥ କମିଶନ ଓ କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶା ସ୍ୱତନ୍ତ୍ର ବିଚାର ପାଇବାପାଇଁ ହକ୍‌ଦାର ଏବଂ ଓଡ଼ିଶାପାଇଁ କେନ୍ଦ୍ରରୁ ସ୍ୱତନ୍ତ୍ର ଅନୁଦାନ ନ ମିଳିଲେ ଏ ରାଜ୍ୟର ସାମୂହିକ ବିକାଶ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସମତୁଲ ହେବାତ ଦୂରର କଥା ପାଖାପାଖି ହେବା ମଧ୍ୟ ସମ୍ଭବ ନୁହେଁ ।

6. ଦୁର୍ଭାଗ୍ୟବଶତଃ ଗତ ଦଶନ୍ଧିରେ ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ କେନ୍ଦ୍ର ସରକାର, ଅର୍ଥ କମିଶନ୍ କିମ୍ବା ଯୋଜନା କମିଶନଙ୍କୁ ହୃଦ୍‌ବୋଧ କରିବା ପାଇଁ ଏହି ମର୍ମରେ କୌଣସି ପ୍ରସ୍ତାବ ପେଶ୍ କରାଯାଇନଥିଲା କିମ୍ବା ସେମାନଙ୍କୁ ଓଡ଼ିଶାର ଦାରିଦ୍ର୍ୟର ନିଛକ ଚିତ୍ର ଦେଇ ତାକୁ ଅନ୍ତତଃ ଦାରିଦ୍ର୍ୟର ସର୍ବଭାରତୀୟ ହାରାହାରି ସ୍ତରରେ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଯୋଜନା ବହିର୍ଭୂତ ଅନୁଦାନ ଦାବୀ କରାଯାଇନଥିଲା । ବର୍ତ୍ତମାନର ସରକାର ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ଏବଂ ଗତ

ଦୃଶନ୍ଧିର ଅବହେଳା ଜନିତ ଦାରିଦ୍ର୍ୟକୁ ଦୂର କରିବା ପାଇଁ ଏକ ଖର୍ଚ୍ଚ ଅଟକଳ ଉପସ୍ଥାପନ କରିବା କିଭଳି ଦୁରୂହ ବ୍ୟାପାର ସେକଥା ମାନ୍ୟବର ସଭ୍ୟମାନେ ଉପଲବ୍ଧି କରିପାରୁଥିବେ ।

7. ନବମ ଅର୍ଥ କମିଶନଙ୍କ ଚୂଡ଼ାନ୍ତ ସୁପାରିଶ ଏଇମାତ୍ର କିଛିଦିନ ତଳେ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି । ଅଷ୍ଟମ ଯୋଜନାର ପ୍ରଥମ ବର୍ଷ ଯୋଜନା ଅଟକଳ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି । ଆମ ଦଳ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁତାବକ କୃଷକ, ଗ୍ରାମ୍ୟ କାରିଗର ଓ ଭୂମିହୀନ ଶ୍ରମିକଙ୍କ ଉପରୁ 10 ହଜାର ଟଙ୍କା ପର୍ଯ୍ୟନ୍ତ ଋଣକୁ ଛାଡ଼ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ସେହିଭଳି ବେକାରୀ ଭତ୍ତା, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଦ୍ଧକ୍ୟକାଳୀନ ଭତ୍ତା ପ୍ରଭୃତି ପ୍ରତିଶ୍ରୁତିମାନ ପାଳନ କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଆସନ୍ତା ବଜେଟ୍‌ରେ କରାଯିବ । ଯେହେତୁ ଏ ସରକାର ମାତ୍ର ଅଳ୍ପ ଦିନ ତଳେ ତାଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ନବମ ଅର୍ଥ କମିଶନର ସୁପାରିଶର ତାତ୍ପର୍ଯ୍ୟର ବିଚାର ଓ ଆସନ୍ତା ବର୍ଷର ଯୋଜନା ଅଟକଳର ପୁନର୍ବିନ୍ୟାସର ଆବଶ୍ୟକତା ଉପଲବ୍ଧି କରୁଛନ୍ତି, ଏହି ସାମୟିକ ବଜେଟ୍‌ରେ ତା'ର ରୂପରେଖ ଦେବାପାଇଁ ମୁଁ ସମର୍ଥ ହୋଇପାରିନାହିଁ । ମୋର ବାର୍ଷିକ ବଜେଟ୍ ଉପସ୍ଥାପନ କଲାବେଳେ ମୁଁ ଏହି ସବୁ ସମସ୍ୟାକୁ ଉପଯୁକ୍ତ ଭାବରେ ଧ୍ୟାନ ଦେଇ ବଜେଟ୍ ପ୍ରସ୍ତୁତ କରିବି ।

8. ପ୍ରଚଳିତ ଗାଡ୍‌ଗିଲ୍ ସୂତ୍ର (Gadgil Formula) ଓଡ଼ିଶା ଭଳି ଦରିଦ୍ର ରାଜ୍ୟ ପାଇଁ ଅନୁକୂଳ ନୁହେଁ ଏବଂ ତାହାର ପରିବର୍ତ୍ତନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ ସରକାରଙ୍କ ତରଫରୁ ଦାବୀ ଉପସ୍ଥାପିତ କରାଯିବ ଏବଂ ଆମର ମୁଖ୍ୟମନ୍ତ୍ରୀଙ୍କ ଭଳି ଏକ ବଳିଷ୍ଠ ନେତୃତ୍ୱ ସମ୍ପନ୍ନ ବ୍ୟକ୍ତି ଏ ବାବଦରେ ଆମର ଦାବୀକୁ ଅତି ଦୃଢ଼ତାର ସହିତ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପିତ କରି ପାରିବେ ବୋଲି ଏ ଗୃହ ଦୃଢ଼ ବିଶ୍ୱାସ ସ୍ଥାପନ କରିବା ଉଚିତ । ଏହା ପରିବର୍ତ୍ତନ ହେଲା ଯାଏଁ ଆମମାନଙ୍କୁ ଆଭ୍ୟନ୍ତରୀଣ ସୂତ୍ରରୁ ଆବଶ୍ୟକୀୟ ସମ୍ବଳ ସଂଗ୍ରହ କରିବାକୁ ହେବ ଏବଂ ଉପରୋକ୍ତ ଅର୍ଥନୈତିକ ଚିତ୍ରର ପୃଷ୍ଠଭୂମିରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମୁଁ ମୋର ସମସ୍ତ ଆନ୍ତରିକ ଉଦ୍ୟମ କରିବି ।

9. ଏ ଦୁରୂହ ବ୍ୟାପାରରେ ମୁଁ ଏ ଗୃହର ସମସ୍ତ ମାନ୍ୟବର ସଭ୍ୟମାନଙ୍କର ଆନ୍ତରିକ ସହଯୋଗ ଓ ସାହଚର୍ଯ୍ୟ କାମନା କରୁଅଛି । ମୁଁ ଏ ପବିତ୍ର ଗୃହର ମାନ୍ୟବର ସଭ୍ୟମାନଙ୍କୁ ନମ୍ରତାର ସହିତ ନିବେଦନ କରିବାକୁ ଚାହେଁ ଯେ ରାଜ୍ୟର ସାମୂହିକ ବିକାଶ ଓ ମଙ୍ଗଳ ସାଧନ ପାଇଁ ରାଜନୈତିକ ବିଚାରଧାରା ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଆମ ରାଜ୍ୟର ଦାରିଦ୍ର୍ୟ ଦୂର କରିବା ପାଇଁ ଉଦ୍ୟମ କରିବେ । ଏ ଆଶାକରି ମୁଁ ଅଙ୍କି ମୋର ବକ୍ତବ୍ୟ ସାଙ୍ଗ କରୁଛି ।

ଜୟହିନ୍ଦ୍

ଦି ବାଲନ୍ସ ଶାଖା ମୁଦ୍ରଣାଳୟ, ଭୁବନେଶ୍ୱର